# Akashvani, Sambalpur

## SAMBALPURI NEWS EVENING BULLETIN

## 14 November 2024- 7.02 pm- 7.12 pm.

**********************************************

୧- ପ୍ରାଥମିକ ଶିକ୍ଷାକେ ଅଏତ୍‌କା ଲୋକପ୍ରିୟ କର୍‌ବାର୍ ଲାଗି ଫି’ ପଂଚାୟତ୍ ନ ଥାପ୍‌ନା କରାଯିବା ଆଦର୍ଶ ପ୍ରାଥମିକ ବିଦ୍ୟାଳୟ- କହେଲେ ମୁଖ୍ୟମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ସମବାୟ ଭବନ୍ ପରିସର ନ ଉଦ୍‌ଘାଟିତ୍ ହେଲା ୭୧ ନମ୍ବର୍ ନିଖିଳ ଭାରତ୍ ସମବାୟ ସପ୍ତାହ ପାଲନ୍ ସମାରୋହ ।

୩- ରାଏଜେ ଆଏବା ଫେବୃଆରୀ ୨୧ ତାରିଖ୍‌ନୁ ମୁଲ୍ ହେବା ମେଟ୍ରିକ୍ ପରୀକ୍ଷା ।

ଆଉର୍

୪- ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ବିଜେତାମାନ୍‌କର୍ ନାଁ ହେଲା ଘୋଷ୍‌ନା ।

- ୨୦୨୨ ବଛର୍ ଲାଗି ଦମନ୍ ପାଏବା ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର୍ ।

ସୁରଭିର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ କଟକ୍

ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ ଶିଶୁ ଦିବସ୍ ସମାରୋହ ସୁରଭିର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ପ୍ରାଥମିକ ଶିକ୍ଷାକେ ଅଏତ୍‌କା ଲୋକପ୍ରିୟ କର୍‌ବାର୍ ଲାଗି ଫି’ ପଂଚାୟତ୍ ନ ଆଦର୍ଶ ପ୍ରାଥମିକ ବିଦ୍ୟାଲୟ ଥାପ୍‌ନା ହେବା ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୋଦାବରୀଶ ମିଶ୍ର ଆର୍ ଆଦର୍ଶ ପ୍ରାଥମିକ ବିଦ୍ୟାଲୟ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି କହିଛନ୍ ଯେ, ରାଏଜେ ଥିବା ଶହେ ବଛର୍‌ନୁ ଅଏତ୍‌କା ପୁର୍‌ନା ଆଉ ଐତିହ୍ୟ ବହନ୍ କରୁଥିବା ୫୧ ଟା ବିଦ୍ୟାଲୟର୍ ଐତିହ୍ୟ ସୁରକ୍ଷାକେ ଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ କରାଯିବା । ମୁଖ୍ୟମନ୍ତ୍ରୀ ଇ କାର୍ଯ୍ୟକ୍ରମ୍‌ର ଲୋଗୋ ଆଉ ସୂଚନା ପୁସ୍ତିକାକେ ଆଏଜ୍ ଉନ୍ମୋଚନ୍ କରିଛନ୍ ।

ନିଖିଳ ଭାରତ୍ ସମବାୟ ସପ୍ତାହ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ନ ଥିବା ସମବାୟ ଭବନ୍ ପରିସର ନ ୭୧ ନମ୍ବର୍ ନିଖିଳ ଭାରତ୍ ସମବାୟ ସପ୍ତାହ ପାଲନ୍ ସମାରୋହକେ ଉଦ୍‌ଘାଟନ୍ କରିଛନ୍ । ଆଏବା ୨୦ ତାରିଖ୍‌ତକ୍ ଇ ସମବାୟ ସପ୍ତାହ ପାଲନ୍ କରାଯିବା । ଇ ଅବ୍‌ସରେ ଉପସ୍ଥିତ୍ ଭିନ୍ ଭିନ୍ ସମବାୟ ୟୁନିୟନ୍‌ର ସଦସ୍ୟ ମାନ୍‌କୁ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ୨୬ ଶହ ନୁ ଅଏତ୍‌କା ପ୍ରାଥମିକ ସମବାୟ ସଂସ୍ଥା ସର୍‌କାର୍ ଆଉ ଚାଷୀଙ୍କର୍ ଭିତ୍‌ରେ ପୋଲ୍ ବାଗିର୍ କାମ୍ କରୁଛନ୍ । ଫସଲ୍ ଋଣ, ଫସଲ୍ ବୀମା, ସାର୍, ବିହନ୍ ଆର୍ କୀଟନାଶକ୍ ଆଦି ସେମାନ୍‌କର୍ ଜରିଏ ଚାଷୀମାନ୍‌କର୍ ପାଖ୍‌କେ ଯାଏସି । ହେଥିର୍‌ଲାଗି ଇ ସବୁ ସଂସ୍ଥାମାନ୍‌କୁ ବର୍‌କସ୍ କର୍‌ବାର୍ ଦର୍‌କାର୍ ରହିଛେ । ଆଏଜ୍ ରାଜ୍ୟର୍ ପାଖାପାଖି ୫୦ ଲାଖ୍‌ନୁ ଅଏତ୍‌କା ଚାଷୀ ପରିବାର୍ ସମବାୟ ଆନ୍ଦୋଳନ୍ ସାଙ୍ଗେ ଜୁଡ଼ି ହେଇକରି ଅଛନ୍ । ସେମାନେ ସବୁ ପ୍ରତ୍ୟକ୍ଷ ଆର୍ ପରୋକ୍ଷ ଭାବେ ଇ ଅନୁଷ୍ଠାନ୍ ମାନ୍‌କର୍ ଉପ୍‌ରେ ନିର୍ଭରଶୀଳ ଆନ୍ ।

ସେନ୍ତା ସମବାୟ ସମିତିମାନେ ସର୍‌କାରୀ ନିୟମ୍ ଅନ୍‌ସାରେ ଧାନ୍ ନାଇଁ ଘିନ୍‌ଲେ ସେମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଭାଗୀୟ କମିଶନର୍ ରାଜେଶ ପ୍ରଭାକର ପାଟିଲ୍, ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ,

ସମବାୟ ସମିତି ସମୂହ ନିବନ୍ଧକ ପ୍ରଭୂ କଲ୍ୟାଣ୍ ପଟ୍ଟନାୟକ୍ ଉପସ୍ଥିତ୍ ଥିଲେ ।

ବୌଦ୍ଧ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସମାରୋହଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମବାୟ ସମିତି ମାନ୍‌କର୍ ସହଯୋଗ୍‌ଥି ସମାଜ୍ ଆଉ ରାଜ୍ୟର୍ ଉନ୍ନତି କର୍‌ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ଚିନ୍ତନ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଇଟିସି ଠାନେ ଦୁଇଦିନିଆ ଚିନ୍ତନ୍ ଶିବିର ଆଏଜ୍‌ଠାନୁ ମୁଲ୍ ହେଇଛେ । କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । ୨୦୩୦ ମସିହାତକ୍ ୫ ଶହ ଗିଗାୱାଟ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଆଉ ୨୦୪୭ ତକ୍ ୧୮ ଶହ ଗିଗାୱାଟ୍‌ର ପରବର୍ତ୍ତୀ ଲକ୍ଷ୍ୟ ହାସଲ୍ ଦିଗେ ଇ କାର୍ଯ୍ୟକ୍ରମ୍‌ଥି ଆଲୋଚନା କରାଯାଉଛେ ।

ମେଟ୍ରିକ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧମିକ ଶିକ୍ଷା ବୋର୍ଡ଼ - ବିଏସ୍‌ଇ ତର୍ଫୁ ହେଉଥିବା ମେଟ୍ରିକ୍ ପରୀକ୍ଷା - ୨୦୨୫ ଆଏବା ଫେବୃଆରୀ ୨୧ ତାରିଖ୍‌ନୁ ମୁଲ୍ ହେଇକରି ମାର୍ଚ୍ଚ ୬ ତାରିଖ୍‌ତକ୍ ଚାଲ୍‌ବା । ଇ ବାବ୍‌ଦେ ଆଏଜ୍ ମାଧମିକ ଶିକ୍ଷା ବୋର୍ଡ଼ ତର୍ଫୁ ସୂଚ୍‌ନା ମିଲିଛେ । ସୂଚ୍‌ନା ଅନ୍‌ସାରେ ଫେବୃଆରୀ ୨୧ ତାରିଖ୍ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ହେବା । ସେନ୍ତା ୨୪ ତାରିଖ୍ ଦିନ ଇଂଲିଶ୍, ୨୭ ତାରିଖ୍ ଦିନ ଗଣିତ, ମାର୍ଚ୍ଚ ୧ ତାରିଖ୍ ଦିନ ବିଜ୍ଞାନ୍, ୩ ତାରିଖ୍‌ଥି ସାମାଜିକ ବିଜ୍ଞାନ୍ ଆର୍ ୬ ତାରିଖ୍ ଦିନ ହିନ୍ଦୀ ଆର୍ ସଂସ୍କୃତ୍ ପରୀକ୍ଷା କରାଯିବା । ସଖାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ପରୀକ୍ଷା ଚାଲ୍‌ବା । ସେନ୍ତା ପରୀକ୍ଷାର୍ଥୀ ମାନ୍‌କୁ ଗଣିତ ବିଷୟ ଲାଗି ଅଏତ୍‌କା ୧୫ ମିନିଟ୍ ସମୟ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ମେଟ୍ରିକ୍ ପରୀକ୍ଷା ୨୦୨୫ ଲାଗି ଏଛେନ୍ ଉଚ୍ଚବିଦ୍ୟାଳୟମାନ୍‌କେ ଫର୍ମ ଫିଲଅପ୍ ପ୍ରକ୍ରିୟା ଜାରି ରହିଛେ । ଇ ପ୍ରକ୍ରିୟା ଆଏବା ୧୮ ତାରିଖ୍‌ତକ୍ ଚାଲ୍‌ବା । ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ ମେଟ୍ରିକ୍ ପରୀକ୍ଷାଥି କେତେ ଝନ୍ ଛାତ୍ରଛାତ୍ରୀ ସାମିଲ୍ ହେବେ ସେ ବାବ୍‌ଦେ ଜନାପଡ଼୍‌ବା ।

ବାଲିଯାତ୍ରା ଆର୍‌ଏନ୍‌ୟୁ/ କଟକ୍

କଟକ୍ ନ ଆଏବା କାଏଲ୍‌ଠାନୁ ଐତିହାସିକ ବାଲିଯାତ୍ରା ମୁଲ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଆଏବା

କାଏଲ୍ ଉପର୍‌ବେଲା ୫ ବଜେ ବାଲିଯାତ୍ରା ଉତ୍ସବ୍‌କେ ଉଦ୍‌ଘାଟନ୍ କର୍‌ବେ । ଇ ବଛର୍ ଉପର୍ ଆର୍ ତଲ୍ ପଡ଼ିଆ ନ ଯାତ୍ରା ଆୟୋଜନ୍ ହେଇଛେ । ପୁରା ବାଲିଯାତ୍ରାକେ ସିସିଟିଭି ନଜର୍‌ଥି ରଖାଯିବାର୍ ସହେତେ ଭିଡ଼୍ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ବାଲିଯାତ୍ରା ଆଏବା ୨୨ ତାରିଖ୍‌ତକ୍ ଚାଲ୍‌ବା ବଲି ସୂଚ୍‌ନା ମିଲିଛେ ।

ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର୍ ନ ଥିବା ସଂସ୍କୃତି ଭବନ୍ ସମ୍ମିଳନୀ କକ୍ଷ ନ ଆଏଜ୍ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍‌ର ବିଜେତାମାନ୍‌କର୍ ନାଁ ଘୋଷ୍‌ନା କରାଯାଇଛେ । ୨୦୨୦, ୨୦୨୧ ଆର୍ ୨୦୨୨ ମସିହା ଲାଗି ଇ ପୁରସ୍କାର୍ ଦିଆଯିବା । ୨୦୨୦ ମସିହା ଲାଗି ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଶହୀଦ୍ ରଘୁ ସର୍ଦ୍ଦାର୍ ଆର୍ ଶ୍ରେଷ୍ଠ ନିର୍ଦ୍ଦେଶକ୍ ଭାବେ ରୋମିଓ ରାଜା ଫିଲ୍ମର ରାକେଶ୍ ସାମଲ୍ ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ରୋମିଓ ରାଜା ଫିଲ୍ମର ଅମ୍ଲାନ୍ ଦାସ, ଶହୀଦ୍ ରଘୁ ସର୍ଦ୍ଦାର୍ ଫିଲ୍ମର ଦେବାଶିଷ ପାତ୍ର ଆଉ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଇ ଚଳଚ୍ଚିତ୍ରର କାବ୍ୟା କିରଣ୍ ଶୁକ୍ଲା ମନୋନୀତ ହେଇଛନ୍ । ସେନ୍ତା ୨୦୨୦ ବଛର୍ ଲାଗି ବିଶିଷ୍ଟ ଲେଖକ, ନିର୍ଦ୍ଦେଶକ ଆର୍ ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର ଦିଆଯିବା ।

୨୦୨୧ ବଛର୍ ଲାଗି ବିଶିଷ୍ଟ ଚିତ୍ର ଉତୋଲନ୍‌କାରୀ ଶ୍ରୀନିବାସ ମହାପାତ୍ରଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର୍ ମିଲ୍‌ବା । ଇ ବଛର୍ ଲାଗି ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପ୍ରତୀକ୍ଷା ଆର୍ ଡାଲ୍‌ଚିନିକେ ମନୋନୀତ କରାଯାଇଛେ ।

୨୦୨୨ ବଛର୍ ଲାଗି ବିଶିଷ୍ଟ ହାସ୍ୟ ଅଭିନେତା ଜୟୀରାମ୍ ସାମଲ୍‌ଙ୍କୁ ମୋହନ୍ ସୁନ୍ଦର୍‌ଦେବ ଗୋସ୍ୱାମୀ ପୁରସ୍କାର୍ ଦିଆଯିବା । ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଦମନ୍‌କେ ମନୋନୀତ୍ କରାଯାଇଛେ । ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ବାବୁସାନ ମହାନ୍ତି ଆର୍ ଅଭିନେତ୍ରୀ ଭାବେ ଲୋପାମୁଦ୍ରା ମିଶ୍ରଙ୍କୁ ପୁରସ୍କାର୍ ଦିଆଯିବା ।

ଶିଶୁଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଉ ଦେଶର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁଙ୍କର୍ ଆଏଜ୍ ଜନମ୍‌ଦିନ୍-ଶିଶୁଦିବସ୍ ପାଲିତ୍ ହେଇଯାଇଛେ । ଛୁଆମାନ୍‌କର୍ ଲାଗି ତାଁକର୍ ବିରଳ ଶ୍ରଦ୍ଧାକେ ସୋର୍ କର୍‌ବାର୍ ଲାଗି ଫି ବଛର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ସହେତେ ଛୁଆମାନ୍‌କର୍ ସାଙ୍ଗେ ଜଡ଼ିତ୍ ଥିବା ଅଲ୍‌ଗା ଅନୁଷ୍ଠାନ୍ ମାନ୍‌କେ ତାଁକର୍ ଜନମ୍‌ଦିନ୍‌କେ ଶିଶୁ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ ।

ଶିଶୁଦିବସ-ଝାର୍‌ସୁଗୁଡ଼ା        ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଏମ୍‌ସିଏଲ୍ କମ୍ୟୁନିଟି ହଲ୍ ନ ଆଏଜ୍ ଶିଶୁଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଛୁଆମାନ୍‌କୁ ତହଁକାବାର୍ ଲାଗି 'ଦୁକାନ୍ ଯାତ୍ରା' କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ତର୍‌ଫୁ ହସ୍ତକଳା, ଅଦରକାରୀ ଜିନିଷ୍‌ଥି ତିଆର୍ ହେଇଥିବା କଳାତ୍ମକ କୃତି, ଘର୍‌ସଜାବାର୍ ସାମାନ୍, ଭିନ୍ ଭିନ୍ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ୍ କରାଯାଇଥିଲା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ଝାର୍‌ସୁଗୁଡ଼ା ବିଧାୟକ୍ କାର୍ଯ୍ୟକ୍ରମ୍ ପରିଦର୍ଶନ୍ କରିଥିଲେ ।

ଦେବ୍‌ଗଡ଼୍- ଶିଶୁଦିବସ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଆଏଜ୍ ଶିଶୁ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଛୁଆମାନ୍‌କର୍ ଲାଗି ହେଇଥିବା ନୃତ୍ୟ ସଂଗୀତ ଷ୍ଟୁଡ଼ିଓକେ ଉଦ୍‌ଘାଟନ୍ କରିଛନ୍ । ଇତାର୍‌ଛଡ଼ା ଆଘର୍ ପ୍ରଧାନ୍‌ମନ୍ତ୍ରୀ ଜବାହାର୍‌ଲାଲ୍ ନେହେରୁଙ୍କର୍ ଫଟୋଚିତ୍ରଥି ମାଲ୍ୟାର୍ପଣ୍ କରାଯାଇକରି ଶ୍ରଦ୍ଧାଞ୍ଜଳି ଦିଆଯିବାର୍ ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆର୍ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

ସମ୍ବଲପୁରୀ ଧନୁଯାତ୍ରା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଠାନେ ଆଏବା ଜାନୁଆରୀ ମାସ ୧୫ ତାରିଖ୍‌ନୁ ୨ ନମ୍ବର୍ ସମ୍ବଲପୁରୀ ଧନୁଯାତ୍ରା ମୁଲ୍ ହେବା ବଲି ଆୟୋଜକଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ବଛର୍ ଧନୁଯାତ୍ରା ୫ ଦିନ୍‌ତକ୍ ଚାଲ୍‌ବା । ଧନୁଯାତ୍ରା ଅବ୍‌ସରେ ସମ୍ବଲ୍‌ପୁର୍ ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ହେବା ଆର୍ ଚାଉଁର୍‌ପୁର୍ ଗୋପପୁର ହେବା । ଇ ଅବ୍‌ସରେ ଆଏଜ୍ ଧନୁଯାତ୍ରା କମିଟି ତର୍‌ଫୁ ସମଲେଶ୍ୱରୀଙ୍କର୍ ଠାନେ ଧନୁଯାତ୍ରାର୍ ପାଣ୍ଡୁଲିପିକେ ପୂଜାର୍ଚ୍ଚନା କରାଯାଇଛେ । କଳାକାର୍‌ମାନେ ଆଏଜ୍‌ଠାନୁ ସେମାନ୍‌କର୍ ଚରିତ୍ର ଅଭିନୟର୍ ଅଭ୍ୟାସ୍ କର୍‌ବେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ

ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ସୁବର୍ଣ୍ଣପୁର- ଫଂଚ୍‌କ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ପବିତ୍ର କାର୍ତିକ ଫଂଚ୍‌କକେ ନେଇକରି ଗାଁନୁ ସହର୍‌ତକ୍ ଆଧ୍ୟାତ୍ମିକ ପରିବେଶ୍ ସୃଷ୍ଟି ହେଇଛେ । ତ୍ରିକୁଟ ପାହାଡ଼୍ ନ ଥିବା ପାତାଳି ଶ୍ରୀକ୍ଷେତ୍ର ନ ଆଏଜ୍ ତିନ୍‌ହି ମାହାପୁରୁ ତ୍ରିବିକ୍ରମ୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ । ଜିଲ୍ଲାର୍ ବହୁତ୍‌ଟେ ଜାଗା ନ ୨୪ ପ୍ରହରୀ ଅଖଣ୍ଡ ନାମଯଜ୍ଞ ସହେତେ ଅଷ୍ଟାଦଶ ପୁରାଣ ପାଠ କରାଯାଉଥିବାର୍ ବେଲେ ମଠମନ୍ଦିର୍‌ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ହେଉଛେ । ଖାସ୍ କରି ପାତାଳି ଶ୍ରୀକ୍ଷେତ୍ର, ଚନ୍ଦ୍ରମଣି ଦାସ ମଠ, ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର୍ କୁଞ୍ଜ କୁଟୀର ସହେତେ ଦେଉଲ୍‌ଝରି ମଠ ନ ବହୁତ୍‌ଟେ ଭକ୍ତଙ୍କର୍ ସମାଗମ୍ ହେଉଛେ ।

ଜନଜାତୀୟ ଗୌରବ୍ ଦିବସ          ବୌଦ୍ଧ ସମ୍ବାଦଦାତା

ବିଶିଷ୍ଟ ଆଦିବାସୀ ନେତା ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଆଉ ଜନଜାତୀୟ ଗୌରବ୍ ଦିବସ୍ ପାଲନ୍ ଲାଗି ବୌଦ୍ଧ ଠାନେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଆଏବା କାଏଲ୍ ବୌଦ୍ଧ କଚ୍‌ରୀ ପଡ଼ିଆ ନ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ସମାରୋହ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଜନଜାତୀୟ ଗୌରବ୍ ଦିବସ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଜନଜାତୀୟ ଗୌରବ୍ ଦିବସ୍ ପାଲନ୍ ଲାଗି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଇଥି ଅଧକ୍ଷତା କରିକରି ଆଏବା କାଏଲ୍ ଜନଜାତୀୟ ଗୌରବ୍ ଦିବସ୍ ଠିକ୍ କରି ପାଲନ୍ କର୍‌ବାର୍ ଲାଗି ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ପରାମର୍ଶ ଦେଇଥିଲେ ।